# ଲିମ୍ଫାଞ୍ଜିଓଲିଓମାୟୋମାଟୋସିସ୍ (ଏଲଏଏମ୍) ନିଦାନ ଏବଂ ଚିକିତ୍ସା ପାଇଁ ମାର୍ଗଦର୍ଶନ

## *ସଦାସର୍ବଦା ଚିକିତ୍ସା ପାଇଁ ସର୍ବନିମ୍ନ ଅନ୍ତର୍ଭେଦୀ ମାଧ୍ୟମ ବ୍ୟବହାର କରନ୍ତୁ।*

### ନିଦାନ

- ସିଟି ସ୍କାନ୍‌ରେ କେବଳ ସିଷ୍ଟିକ୍ ଲଙ୍ଗ୍ ଡିଜିଜ୍‌ର ଲକ୍ଷଣ ଦେଖାଯିବା ଏଲଏଏମ୍ ଚିହ୍ନଟ ସୁନିଶ୍ଚିତ କରିବା ପାଇଁ ଯଥେଷ୍ଟ ହୋଇନଥାଏ।
- ଏହା ଚିହ୍ନଟ କରିବା ପାଇଁ ଭିଇଜିଏଫ୍- ଡି ପରୀକ୍ଷା କରାଇବା ଉପାଦେୟ ହୋଇଥାଏ ଏବଂ ଏହା ଫୁସଫୁସ୍ ବାୟୋପ୍ସି ଏଡ଼ାଇବାରେ ସହାୟକ ହୋଇପାରେ।
- ଏଲଏଏମ୍ ଚିହ୍ନଟ ସୁନିଶ୍ଚିତ କରିବା ସାବ୍ୟସ୍ତ କରିବାରେ ସହାୟତା ପାଇଁ ଅନ୍ୟାନ୍ୟ ତଥ୍ୟଗୁଡ଼ିକ ସହାୟକ ହୋଇପାରେ ଯେପରିକି: ଟ୍ୟୁବରସ୍ ସ୍କ୍ଲେରୋସିସ୍ କମ୍ପ୍ଲେକ୍ସ (ଟିଏସସି), କିଡନୀ ଆଞ୍ଜିଓମାୟୋଲାଇପୋମାଜ୍, ଏବଂ ଲସିକା ଗ୍ରନ୍ଥିରେ ନିର୍ଦ୍ଦିଷ୍ଟ ଲକ୍ଷଣ ପ୍ରଦର୍ଶନ ଯେପରିକି କାଇଲସ୍ ଇଫ୍ୟୁଜନ୍ କିମ୍ବା ଲିମ୍ଫାଞ୍ଜିଓଲିଓମାୟୋମାଜ୍ ରହିଥିବା।
- ଯେଉଁ ରୋଗୀମାନଙ୍କ କ୍ଷେତ୍ରରେ ଅଣ-ଅନ୍ତର୍ଭେଦୀ ମାଧ୍ୟମ ନିଦାନ ସୁନିଶ୍ଚିତ କରିବାରେ ବିଫଳ ହୋଇଥାଏ, ଅସ୍ତ୍ରୋପଚାର ମାଧ୍ୟମରେ ଫୁସଫୁସ୍ ବାୟୋପ୍ସି ପୂର୍ବରୁ ଟ୍ରାନ୍ସବ୍ରୋଙ୍କିଆଲ୍ ଲଙ୍ଗ୍ ବାୟୋପ୍ସି ବା ଫୁସଫୁସ୍ ବାୟୋପ୍ସି କରିବା ବିଷୟରେ ବିଚାର କରନ୍ତୁ।



### ଚିକିତ୍ସା

- ଏଲଏଏମ୍ ରୋଗୀମାନଙ୍କ ପାଇଁ ସିରୋଲିମସ୍ ହେଉଛି ପ୍ରଥମ ଧାଡ଼ିର ଚିକିତ୍ସା ବିକଳ୍ପ, ଯେଉଁମାନଙ୍କର ରହିଥାଏ:
    1. ଅସ୍ୱାଭାବିକ ଭାବରେ ବା ଦ୍ରୁତ ଗତିରେ ଫୁସଫୁସ୍ କାର୍ଯ୍ୟକାରିତା ହ୍ରାସ ପାଇବା
    2. ମହତ୍ୱପୂର୍ଣ୍ଣ ରୋଗ ଭାର
    3. ସମସ୍ୟା ସୃଷ୍ଟି କରୁଥିବା କାଇଲସ୍ ଇଫ୍ୟୁଜନସ୍
- ଏଲଏଏମ୍‌ର ନିୟମିତ ଚିକିତ୍ସା ପାଇଁ ଡକ୍ସିସାଇକ୍ଲିନ୍ କିମ୍ବା ହର୍ମୋନ୍‌ଭିତ୍ତିକ ଚିକିତ୍ସା ବ୍ୟବହାର କରନ୍ତୁ ନାହିଁ।
- ଏକ ଘଟଣା ପୁଣିଥରେ ଦେଖାଦେବାକୁ ଅପେକ୍ଷା କରିବା ପରିବର୍ତ୍ତେ ସ୍ୱଷ୍ଟାନିୟସ୍ ନିମୋଥୋରାକ୍ସର ପ୍ରାରମ୍ଭିକ ପ୍ରକରଣ ପରେ ପରେ ପ୍ଲୁରୋଡେସିସ୍ ପ୍ରଦାନ କରନ୍ତୁ।
- ଆଗୁଆ ପ୍ଲୁରୋଡେସିସ୍ ଫୁସଫୁସ୍ ପ୍ରତ୍ୟାରୋପଣ ପାଇଁ ନିଷେଧ ହୋଇନଥାଏ।

ଏମସିକୋରମାକ୍ ଏଫଏକ୍ସ, ଗୁପ୍ତା ଏନ୍, ଫିନଲେ ଜିଏ, ଏଟ୍ ଆଲ୍ ଏଏମ୍ ଜେ ରେସ୍ପିର୍ କ୍ରିଟ୍ କେୟାର୍ ମେଡ୍ 194(6):748-761. ଗୁପ୍ତା ଏନ୍, ଫିନଲେ ଜିଏ, କୋଟଲୋଫ୍ ଆରଏମ୍, ଏଟ୍ ଆଲ୍ ଏଏମ୍ ଜେ ରେସ୍ପିର୍ କ୍ରିଟ୍ କେୟାର୍ ମେଡ୍ 196(10):1337-1348.

ଏଲଏଏମ୍ ଡାକ୍ତରୀ ମାର୍ଗଦର୍ଶନ ବିଷୟରେ ଅଧିକ ସୂଚନା ପାଇଁ ଆପଣଙ୍କ ଫୋନ୍ କ୍ୟାମେରାକୁ ଡାହାଣରେ ରହିଥିବା କ୍ୟୁଆର୍ କୋଡ୍ ଆଡ଼କୁ ଦେଖାନ୍ତୁ, କିମ୍ବା ଭିଜିଟ୍ କରନ୍ତୁ: thelamfoundation.org/LAM-Treatment-Guidelines

*ଏହି ପ୍ରକଳ୍ପ ପାଇଁ ଚେଷ୍ଟ ଫାଉଣ୍ଡେସନ୍ ତରଫରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି ଏବଂ ଏହା ଏଲଏଏମ୍ ଫାଉଣ୍ଡେସନ୍ ସହିତ ମିଳିତ ଭାବରେ ଆୟୋଜନ କରାଯାଉଛି।*